ପି. ବରଦରଜୁଲୁ

ବନାମ

କୃଷି ଉତ୍ପାଦ ବଜାର ସମିତି

ଏପ୍ରିଲ 1, 2004

[ଦୋରାଇସ୍ୱାମୀ ରାଜୁ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି]

*କୃଷି ଉତ୍ପାଦ ବଜାର ସମିତି :*

*ଜମି ଆବଣ୍ଟନ – ମକଦ୍ଦମା – ଫଏସଲା କରାଯାଇଛି – ନିଷ୍ପାଦନ – ମାର୍କେଟ ସମିତିର ଆଭିମୁଖ୍ୟ ଯେ, ବାଦପତ୍ରରେ ଏବଂ ଡିକ୍ରିରେ ନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନ ଆବଣ୍ଟନ କରାଯାଇପାରିବ ନାହିଁ କାରଣ ସେହି ସ୍ଥାନରେ ନାଳ ରହିଛି – ବାଦୀ ମକଦ୍ଦମା ସ୍ଥାନ ଗ୍ରହଣ କରିବାକୁ ଏବଂ ପ୍ରତିଷେଧକ ପଦକ୍ଷେପ ନେବାକୁ ଏକ ପ୍ରତିଶ୍ରୁତି ଦେବାକୁ ଇଚ୍ଛୁକ ଅଟନ୍ତି – ଦର୍ଶାଯାଇଛି, ବଜାର ସମିତି ସେହି ସ୍ଥାନ ଆବଣ୍ଟନ କରିବ ଏବଂ ବାଦୀ ଦ୍ୱାରା ଦିଆଯାଇଥିବା ପ୍ରତିବଦ୍ଧତାକୁ ଆବଣ୍ଟନର ସର୍ତ୍ତ ମଧ୍ୟରେ ଅନ୍ତର୍ଭୁକ୍ତ କରିବ ।*

**ଅପିଲକାରୀ ତାଙ୍କ ସପକ୍ଷରେ ଅନୁଜ୍ଞପ୍ତି ନବୀକରଣ ଏବଂ ବାଦପତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ବଜାର ସ୍ଥଳରେ ଏକ ଖାଲି ସ୍ଥାନ ଆବଣ୍ଟନ ପାଇଁ ଉତ୍ତରଦାତା, ଏକ କୃଷି ଉତ୍ପାଦ ବଜାର ସମିତି ବିରୋଧରେ ମକଦ୍ଦମା ଦାଖଲ କରିଥିଲେ । ମକଦ୍ଦମାର ଫଏସଲା କରାଯାଇଥିଲା । ନିଷ୍ପାଦନ କାର୍ଯ୍ୟବିଧିରେ ପ୍ରତିବାଦୀ ନିଜର ଆଭିମୁଖ୍ୟ ଦୋହରାଇଥିଲେ ଯେ ସେହି ସ୍ଥାନ ଆବଣ୍ଟନ କରାଯାଇପାରିବ ନାହିଁ । ପ୍ରତିବାଦୀ ଦ୍ୱାରା ଦାଖଲ ହୋଇଥିବା ପୁନରୀକ୍ଷଣରେ ଉଚ୍ଚ ନ୍ୟାୟାଳୟ ଜଣେ ଅଧିବକ୍ତା-ଆୟୁକ୍ତଙ୍କୁ ନିଯୁକ୍ତ କରିଥିଲେ ଯିଏ ବିବୃତ କରିଥିଲେ ଯେ, ସେହି ସ୍ଥାନରେ ନାଳ ଥିବାରୁ ଡିକ୍ରି କାର୍ଯ୍ୟକାରୀ ହୋଇପାରିବ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ, ବାଦୀ ଉପସ୍ଥାପନ କରିଥିଲେ ଯେ, ସେ ଏହି ସ୍ଥାନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ଆଶ୍ୱାସନା ଦେଇଥିଲେ ଯେ, ନିଷ୍କାସିତ ଜଳରୁ କୌଣସି ନିକାଶ ହେବ ନାହିଁ ଏବଂ କୌଣସି ଅସୁବିଧା ହେବ ନାହିଁ ଏବଂ ଯଦି କୌଣସି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୁଏ ତେବେ ସେ ବିକଳ୍ପ ଆବଣ୍ଟନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଏହି ଡିକ୍ରି କାର୍ଯ୍ୟକାରୀ ହୋଇପାରିବ ନାହିଁ । ବ୍ୟଥିତ ହୋଇ, ବାଦୀ ବର୍ତ୍ତମାନର ଅପିଲ ଦାଖଲ କରିଥିଲେ ।**

**ଅପିଲକୁ ଅନୁମତି ଦେଇ ନ୍ୟାୟାଳୟ**

**ଦର୍ଶାଇଛନ୍ତି : ମୌଳିକ ପ୍ରସଙ୍ଗଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିରୁ ଖସିଯାଇଛି । ଅଧିବକ୍ତା-ଆୟୁକ୍ତଙ୍କ ବିବୃତି ସହିତ ସଂଲଗ୍ନ ହୋଇଥିବା ରେଖାଚିତ୍ର ନକ୍ସା ଦର୍ଶାଏ ଯେ, ଯଦିଓ ଏକ ନଳା ଅଛି ଯାହା ପ୍ରାୟ ଦୁଇ ଫୁଟ ଚଉଡ଼ା, ତଥାପି ଡିକ୍ରିକୁ କାର୍ଯ୍ୟକାରୀ କରିବା ପାଇଁ, ଏପରିକି ଜଳନିକାସ ଅଂଶକୁ ବାଦ ଦେଇ ପର୍ଯ୍ୟାପ୍ତ ସ୍ଥାନ ଏବଂ ଜମିର ବିସ୍ତାର ଅଛି । ରେଖାଚିତ୍ର ନକ୍ସାରେ ଦର୍ଶାଯାଇଥିବା ଡିକ୍ରି ଅନୁଯାୟୀ ବଜାର ସମିତି ଉକ୍ତ ଖାଲି ସ୍ଥାନକୁ ଆବଣ୍ଟନ କରିବ । ନଳା ଜଳ ପ୍ରବାହକୁ ଏଡ଼ାଇବା ପାଇଁ ଏବଂ ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି ନକରିବାକୁ ନିଆଯିବାକୁ ଥିବା ପ୍ରତିଷେଧକ ପଦକ୍ଷେପ ବିଷୟରେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ କରାଯାଇଥିବା ଅପିଲକାରୀଙ୍କ ତରଫରୁ ବିବୃତି ଏକ ପ୍ରତିଶ୍ରୁତିରେ ଅନ୍ତର୍ଭୁକ୍ତ ହେବ ଏବଂ ଏହା ନିର୍ଦ୍ଦେଶିତ ଆବଣ୍ଟନ କରାଯିବା ପାଇଁ ସର୍ତ୍ତ ମଧ୍ୟରୁ ଗୋଟିଏ ହେବ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1959-1960/2004 ।

କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ସି. ଆର୍. ପି. ସଂଖ୍ୟା 3268/94ରେ 26.5.2000 ତାରିଖର ରାୟ ଏବଂ ଆଦେଶ ଏବଂ ଆର୍. ପି. ସଂଖ୍ୟା 750/2000ରେ 22.3.2002 ତାରିଖର ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏମ୍. ଏସ୍. ଗଣେଶ ଏବଂ ନିଖିଲ ନାୟାର ।

ଉତ୍ତରଦାତାଙ୍କ ପାଇଁ ଇ. ସି. ବିଦ୍ୟା ସାଗର ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି** ଅନୁମତି ପ୍ରଦାନ କରାଗଲା ।

ଏକ ଛୋଟ ମାମଲା ଯାହା ବିଚାର କରୁଥିବା ନ୍ୟାୟାଳୟ ସ୍ତରରେ ସମାଧାନ କରାଯାଇ ପାରିଥାନ୍ତା, ଅନାବଶ୍ୟକ ଭାବରେ ଅନେକ ନ୍ୟାୟାଳୟର ପରିସରରେ ଟାଣି ହୋଇଛି । ବର୍ତ୍ତମାନର ଅପିଲରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶ, ଯାହା ଦେୱାନୀ ପ୍ରକ୍ରିୟା ସଂହିତା 1908 (ସଂକ୍ଷେପରେ 'ସିପିସି') ର ଧାରା 115 ଅନୁଯାୟୀ ପରିସମାପ୍ତ କରାଯାଇଛି, ତାହାକୁ ଆପତ୍ତି କରାଯାଇଛି । ଉତ୍ତରଦାତା ହେଉଛନ୍ତି ଏକ କୃଷି ଉତ୍ପାଦ ବଜାର ସମିତି (ଏହା ପରେ 'ବଜାର ସମିତି' ଭାବରେ ଉଲ୍ଲେଖ କରାଯାଇଛି) । ଅପିଲକାରୀ ତାଙ୍କ ସପକ୍ଷରେ ଅନୁଜ୍ଞପ୍ତିର ନବୀକରଣ ଏବଂ ଖାଲି ସ୍ଥାନ ଆବଣ୍ଟନ ପାଇଁ ନିର୍ଦ୍ଦେଶ ଅନୁରୋଧ କରି ଏକ ମକଦ୍ଦମା ଦାଖଲ କରିଥିଲେ । ବାଙ୍ଗାଲୋରର ଅତିରିକ୍ତ ସହର ଦେୱାନୀ ବିଚାରପତିଙ୍କ ନଥିରେ ଓ ଏସ୍ ସଂଖ୍ୟା 1015/1987ରେ ଏହି ସମାନ ବିବାଦର ବିଷୟ ଥିଲା । ଉକ୍ତ ମାମଲାରେ ପାରିତ ଡିକ୍ରି ନିମ୍ନରେ ଦିଆଯାଇଛି :

"ଏହା ଆଦେଶ ଦିଆଯାଇଛି ଏବଂ ଫଏସଲା କରାଯାଇଛି ଯେ, ଏ ଏମ୍ ପି ସି ସ୍ଥଳର 2ୟ ମୁଖ୍ୟ ସ୍ଥାନରେ ଅବସ୍ଥିତ ସାଇଟ୍ ସଂଖ୍ୟା 10-C ଏବଂ 11/2 ମଧ୍ୟରେ ବାଦୀଙ୍କୁ ଏକ ଖାଲି ସ୍ଥାନ ଆବଣ୍ଟନ କରିବାକୁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏହା ଆହୁରି ମଧ୍ୟ ଫଏସଲା କରାଯାଇଛି ଯେ, ବ୍ୟବସାୟ ଚଳାଇବା ପାଇଁ ବାଦୀଙ୍କ ସପକ୍ଷରେ ଅନୁଜ୍ଞପ୍ତି ନବୀକରଣ କରିବାକୁ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏହା ଆହୁରି ମଧ୍ୟ ଫଏସଲା କରାଯାଇଛି ଯେ, ପ୍ରତିବାଦୀଙ୍କୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ, ଯଦି 10-C ଏବଂ 11/2 ସାଇଟ୍ ମଧ୍ୟରେ ଖାଲି ସ୍ଥାନରେ କୌଣସି କୋଠା କିମ୍ବା ଦୋକାନ ନିର୍ମାଣ କରାଯାଏ, ତେବେ ତାହା ବାଦୀଙ୍କୁ ଆବଣ୍ଟନ କରାଯିବ ।"

ନିଷ୍ପାଦନ ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ ନିଷ୍ପାଦନ କରୁଥିବା ନ୍ୟାୟାଳୟ ନିୟମ ଅମାନ୍ୟ ପାଇଁ ବଜାର ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ । ଡିକ୍ରି ପୂର୍ବରୁ ଏବଂ/କିମ୍ବା ପରବର୍ତ୍ତୀ ସମୟରେ ଏବଂ ନିଷ୍ପାଦନ କାର୍ଯ୍ୟବିଧିରେ ବଜାର ସମିତିର ଆଭିମୁଖ୍ୟ ଥିଲା ଯେ, ଡିକ୍ରି ନିଷ୍ପାଦନ ହୋଇପାରିବ ନାହିଁ । ଏହା ପ୍ରତୀୟମାନ ହେଉଛି ଯେ, ସାଇଟ୍ ସଂଖ୍ୟା 10/ C ଏବଂ 11/2 ମଧ୍ୟରେ ସ୍ଥାନର ଭୌତିକ ସ୍ଥିତି ବିଷୟରେ ବିବୃତି କରିବାକୁ ଉଚ୍ଚ ନ୍ୟାୟାଳୟ ଜଣେ ଅଧିବକ୍ତା ଆୟୁକ୍ତଙ୍କୁ ନିଯୁକ୍ତ କରିଥିଲେ । ଅଧିବକ୍ତା ଆୟୁକ୍ତଙ୍କ ବିବୃତି ପାଇବା ପରେ ଏବଂ ଫଟୋଗୁଡ଼ିକୁ ଦେଖିବା ପରେ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଏହି ଡିକ୍ରି ନିଷ୍ପାଦିତ ହୋଇପାରିବ ନାହିଁ କାରଣ ଏହାର ବିଚାରରେ ସେହି ସ୍ଥାନରେ ଜଳନିକାସ ହେତୁ ଅସ୍ତିତ୍ୱରେ ନଥିବା ଏକ ସ୍ଥାନକୁ ଉଲ୍ଲେଖ କରେ । ତଦନୁସାରେ ଦେୱାନୀ ପୁନରୀକ୍ଷଣକୁ ଅନୁମତି ଦିଆଯାଇଥିଲା ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, କେବଳ ମକଦ୍ଦମାରେ ନୁହେଁ ବରଂ ନିଷ୍ପାଦନ କରୁଥିବା ନ୍ୟାୟାଳୟରେ ଦାଖଲ ହୋଇଥିବା ପରବର୍ତ୍ତୀ ଆବେଦନରେ ମଧ୍ୟ ହାରିବା ପରେ, ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏକ ତୁଚ୍ଛ ଏବଂ ଅନୁରକ୍ଷଣୀୟ ନଥିବା ଆବେଦନ ଦାଖଲ କରାଯାଇଥିଲା । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ପ୍ରକୃତ ପରିସ୍ଥିତିକୁ ଧ୍ୟାନ ଦେଇନଥିଲେ ଏବଂ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଯେପରିକି ଡିକ୍ରି ନିଷ୍ପାଦିତ ହୋଇପାରିବ ନାହିଁ । ଅଧିବକ୍ତା ଆୟୁକ୍ତଙ୍କ ବିବୃତି ସହିତ ସଂଲଗ୍ନ ହୋଇଥିବା ରେଖାଚିତ୍ର ନକ୍ସା ସନ୍ଦର୍ଭରେ, ଏହା ଉପସ୍ଥାପନ କରାଯାଇଥିଲା ଯେ, ସ୍ଥାନ ଏପର୍ଯ୍ୟନ୍ତ ଉପଲବ୍ଧ ଅଛି ଏବଂ କେବଳ ଏକ ନଳା ବିଦ୍ୟମାନ ଥିବା ଆଧାରରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଏହା ଉପସ୍ଥାପନ କରାଯାଇଥିଲା ଯେ, ଯଦି ନଳା ଉପରେ ମଧ୍ୟ ଡିକ୍ରିରେ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନକୁ ଅନୁମତି ଦିଆଯାଏ, ଅପିଲକାରୀ ଏହାକୁ ଗ୍ରହଣ କରିବାକୁ ଇଚ୍ଛୁକ ଅଟନ୍ତି ଏବଂ ସେ ସୁନିଶ୍ଚିତ କରିବେ ଯେ, କୌଣସି

ନଳା ପାଣି ବହିଯାଉନାହିଁ ଏବଂ କୌଣସି ଅସୁବିଧା ହେବ ନାହିଁ ଏବଂ କୌଣସି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେବ ନାହିଁ । ଏହା ଆହୁରି ମଧ୍ୟ ଉପସ୍ଥାପିତ ହୋଇଛି ଯେ, ଯଦି କୌଣସି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ଅପିଲକାରୀ  ନିକଟସ୍ଥ ଉପଲବ୍ଧ ଅଞ୍ଚଳରେ ସମାନ ପ୍ରଶସ୍ତ କ୍ଷେତ୍ର ଆବଣ୍ଟନ ବିଷୟରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବଜାର ସମିତି ଦ୍ୱାରା ଦିଆଯାଇଥିବା ବିକଳ୍ପ ପରାମର୍ଶକୁ ଗ୍ରହଣ କରିବାକୁ ଇଚ୍ଛୁକ ଅଟନ୍ତି ।

ଏହାର ଜବାବରେ, ବଜାର ସମିତିର ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, କୌଣସି ସ୍ଥାନ ଉପଲବ୍ଧ ନ ଥିବାରୁ ଏହି ଡିକ୍ରି ନିଷ୍ପାଦିତ ହୋଇପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଯଥାର୍ଥ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଏହା ଉପସ୍ଥାପନ କରାଯାଇଥିଲା ଯେ, ଯଦି ଅପିଲକାରୀଙ୍କୁ ନଳା ଉପରେ କୌଣସି ସଂରଚନା ସ୍ଥାପନ କରିବାକୁ ଅନୁମତି ଦିଆଯାଏ ତେବେ ଏହା ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିବ ଏବଂ ବର୍ଷା ଜଳ ବିଭିନ୍ନ ଦୋକାନକୁ ପ୍ରବାହିତ ହୋଇପାରେ ।

ଆମେ ଜାଣିବାକୁ ପାଇଲୁ ଯେ, ମୌଳିକ ପ୍ରସଙ୍ଗଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିରୁ ଖସିଯାଇଛି । ଅଧିବକ୍ତା ଆୟୁକ୍ତଙ୍କ ବିବୃତି ସହିତ ସଂଲଗ୍ନ ହୋଇଥିବା ରେଖାଚିତ୍ର ନକ୍ସା ଦର୍ଶାଏ ଯେ, ସେଠାରେ ଏକ ନଳା ଅଛି ଯାହା ପ୍ରାୟ ଦୁଇ ଫୁଟ ଚଉଡ଼ା ଏବଂ ସାଇଟ୍ ସଂଖ୍ୟା 11/2 ଏବଂ 10/ C ମଧ୍ୟରେ ଆଂଶିକ ଭାବରେ ଅବସ୍ଥିତ, ଏବଂ ଡିକ୍ରିକୁ କାର୍ଯ୍ୟକାରୀ କରିବା ପାଇଁ ଏପରିକି ନାଳ ଅଂଶକୁ ବାଦ ଦେଇ ପର୍ଯ୍ୟାପ୍ତ ସ୍ଥାନ ଏବଂ ଜମିର ବିସ୍ତାର ଅଛି । ଉଚ୍ଚ ନ୍ୟାୟାଳୟ ଏହି ବିବୃତିକୁ ଭୁଲ ଭାବରେ ପଢ଼ିଥିବା ପରି ମନେହୁଏ ଏବଂ ଆୟୁକ୍ତ ଦ୍ୱାରା ଉପସ୍ଥାପନ ହୋଇଥିବା ବିବୃତି ଏବଂ ଯୋଜନା ଦ୍ୱାରା ପ୍ରକାଶ ପାଇଥିବା ଭୌତିକ ବୈଶିଷ୍ଟ୍ୟକୁ ଭୁଲ ଭାବରେ ବ୍ୟାଖ୍ୟା କରିଛନ୍ତି ।

ଆମେ ଅନୁଭବ କରୁଛୁ ଯେ, ବିବାଦର ଉପଯୁକ୍ତ ସମାଧାନ ହେବ ଡିକ୍ରି ଅନୁଯାୟୀ  ବଜାର ସମିତିକୁ ସାଇଟ୍ ସଂଖ୍ୟା 11/2 ଏବଂ 10/C, ଯାହା ଖାଲି ଅଛି, ତାହା ମଧ୍ୟରେ ସ୍ଥାନ ଆବଣ୍ଟନ କରିବାକୁ ନିର୍ଦ୍ଦେଶ ଦେବା, ଏବଂ ଆବଶ୍ୟକ ହେଲେ ଏହା ନଳା ଉପରେ ମଧ୍ୟ ହୋଇପାରେ ଯେପରି ଅଧିବକ୍ତା ଆୟୁକ୍ତଙ୍କ ବିବୃତିରେ ସଂଲଗ୍ନ ରେଖାଚିତ୍ର ନକ୍ସାରେ ଦର୍ଶାଯାଇଛି । ନଳା ଜଳର ପ୍ରବାହକୁ ଏଡ଼ାଇବା ପାଇଁ ଏବଂ ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି ନକରିବା ପାଇଁ ନିଆଯିବାକୁ ଥିବା ପ୍ରତିଷେଧକ ପଦକ୍ଷେପ ସମ୍ବନ୍ଧରେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ବିବୃତି ଉପରେ ଦର୍ଶାଯାଇଥିବା ବିକଳ୍ପ ଆବଣ୍ଟନକୁ ଗ୍ରହଣ କରିବା ପାଇଁ ଏପରି ପରିସ୍ଥିତିରେ ପ୍ରକାଶ ପାଇଥିବା ରାଜିନାମା ସହିତ ଏକ ପ୍ରତିଶ୍ରୁତିରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହା ନିର୍ଦ୍ଦେଶିତ ଆବଣ୍ଟନ ପାଇଁ ଏକ ସର୍ତ୍ତ ହେବ ।

ଛଅ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅପିଲଗୁଡ଼ିକୁ ଅନୁମତି ଦିଆଗଲା ଏବଂ ସେହି ଅନୁଯାୟୀ ଶେଷରେ ପରିସମାପ୍ତି କରାଗଲା ।

ଆର୍.ପି. ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ